ଡି. କେ. ଯୋଶୀ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଏପ୍ରିଲ 25, 2000

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଏସ୍. ଏନ୍. ଫୁକନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ ଅଧିନିୟମ, 1956— ଧାରା 15— ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ ଅଧିନିୟମ, 1970— ସଂଯୁକ୍ତ ପ୍ରଦେଶ ଆୟୁର୍ବିଜ୍ଞାନ ଅଧିନିୟମ, 1917— ଧାରା 30— ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲାରେ ଅଭ୍ୟାସ କରୁଥିବା ଅନଧିକୃତ ଏବଂ ଅଯୋଗ୍ୟ ଡାକ୍ତରୀ ଚିକିତ୍ସକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ— ଏହି ସମସ୍ୟାକୁ ରୋକିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରାଯାଇଥିଲା, କାରଣ ମୁଖ୍ୟ ଚିକିତ୍ସା ଅଧିକାରୀ ଏହାର ତଦନ୍ତ କରୁଥିଲେ— ଆବେଦନରେ ନିର୍ଣ୍ଣୟ ହୋଇଛି, ଏହି ବିପଦକୁ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଇ ନାହିଁ ଯାହା ମାନବ ଜୀବନ ପାଇଁ ବିପଜ୍ଜନକ ଅଟେ— ସମଗ୍ର ରାଜ୍ୟ ପାଇଁ ନିର୍ଦ୍ଦେଶନାମା ଜାରି କରାଯିବା ଆବଶ୍ୟକ, କାରଣ ଚେତାବନୀ ପରେ ବେଆଇନ ଭାବେ ଚିକିତ୍ସା କରୁଥିବା ବ୍ୟକ୍ତିମାନେ ଅନ୍ୟ ଜିଲ୍ଲାଗୁଡ଼ିକୁ ଚାଲିଯାଇଛନ୍ତି— ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ପରବର୍ତ୍ତୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ।*

**ଆଗ୍ରା ଜିଲ୍ଲାରେ ଅଯୋଗ୍ୟ ଏବଂ ଅଣପଞ୍ଜୀକୃତ ଡାକ୍ତରୀ ଚିକିତ୍ସକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ ଏବଂ ରାଜ୍ୟ ସରକାର ମଧ୍ୟ ଏହି ବିପଦ ବିରୋଧରେ ଚିନ୍ତା ପ୍ରକଟ କରିଥିଲେ । ତେବେ ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ମାମଲାର ତଦନ୍ତ କରୁଥିବାରୁ ଉଚ୍ଚ ନ୍ୟାୟାଳୟ, ଏହି ଆଜ୍ଞାଦେଶ ଆବେଦନକୁ ପ୍ରାରମ୍ଭିକ ସ୍ତରରେ ଖାରଜ କରିଦେଇଛନ୍ତି । ତେଣୁ ବର୍ତ୍ତମାନର ଏହି ଆବେଦନ ।**

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ଏହା ଉଲ୍ଲେଖ କରିବା ଅତ୍ୟନ୍ତ ଦୁଃଖଦାୟକ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟ, ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଅଯୋଗ୍ୟ ତଥା ଅଣପଞ୍ଜୀକୃତ ଡାକ୍ତରଙ୍କ ଚିକିତ୍ସା ବନ୍ଦ କରିବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନେଇ ନାହାଁନ୍ତି, ଯାହା ମାନବ ଜୀବନ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । କେବଳ ଏହିପରି ଅନଧିକୃତ ଡାକ୍ତରୀ ଚିକିତ୍ସକଙ୍କ ନାମ ଜିଲ୍ଲାପାଳଙ୍କୁ ପଠାଯାଇଥିଲା, ଏବଂ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଏଭଳି ଅଯୋଗ୍ୟ/ଅଣପଞ୍ଜୀକୃତ ଡାକ୍ତରମାନଙ୍କୁ ଚେତାବନୀ ଦିଆଯିବା ପରେ ଅନ୍ୟ ପଡ଼ୋଶୀ ଜିଲ୍ଲାକୁ ସ୍ଥାନାନ୍ତର ହୋଇଛନ୍ତି ଏବଂ ରାଜ୍ୟବ୍ୟାପୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ।**

**ଉତ୍ତରଦାତା-ରାଜ୍ୟ ଏହି ବିପଦକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ ଏହା ସହିତ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ । ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ସମସ୍ତ ଅଯୋଗ୍ୟ/ଅଣପଞ୍ଜୀକୃତ ଡାକ୍ତରୀ ଚିକିତ୍ସକଙ୍କୁ ଚିହ୍ନଟ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯିବ; ସମସ୍ତ ଜିଲ୍ଲା ଦଣ୍ଡାଧିକାରୀ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ଏପରି ବ୍ୟକ୍ତିଙ୍କ ବିରୋଧରେ ଆରମ୍ଭ ହୋଇଥିବା ସମସ୍ତ**

**ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯିବ; ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସଚିବ ଏହିପରି ଚିକିତ୍ସକଙ୍କ ନାମକୁ ଉପଯୁକ୍ତ ପ୍ରଚାର କରିବେ ଯାହା ଦ୍ୱାରା ଲୋକମାନେ ଚିକିତ୍ସା ପାଇଁ ସେମାନଙ୍କ ନିକଟକୁ ଯିବେ ନାହିଁ; ସେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ସମସ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ନଜର ରଖିବେ ଏବଂ ସମୟ ସମୟରେ ଏହି ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବେ ଯାହା ଦ୍ୱାରା ଏହିପରି ଅନଧିକୃତ ବ୍ୟକ୍ତିମାନେ ସେମାନଙ୍କ ଡାକ୍ତରୀ ବୃତ୍ତିକୁ ରାଜ୍ୟରେ ଜାରି ରଖିପାରିବେ ନାହିଁ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 2016/1996

3.5.93 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ସି. ଡବ୍ଲ୍ୟୁ. ପି. ସଂଖ୍ୟା ___/1993 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଟି. ବି. ଉପାଧ୍ୟାୟ ଏବଂ ସଞ୍ଜୟ ପାରିଖ ଆବେଦନକାରୀଙ୍କ ପାଇଁ ।

ସୁବୋଧ ମାର୍କଣ୍ଡାୟା, ଇରଶାଦ ଅହମ୍ମଦ, ଆର. ବି. ମିଶ୍ର ଏବଂ ସୁଶ୍ରୀ ଫିରୋଜା ବାନା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ଫୁକନଙ୍କ** ଦ୍ୱାରା । ଆବେଦନକାରୀ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଭାବେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଯେଉଁଥିରେ ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲାରେ ବେଆଇନ ଭାବେ ଚିକିତ୍ସା କରୁଥିବା ଅଯୋଗ୍ୟ ଏବଂ ଅଣପଞ୍ଜୀକୃତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେଇ ଏକ ପରମ ଆଜ୍ଞାଦେଶ ଜାରି କରିବାକୁ ପ୍ରାର୍ଥନା କରିଛନ୍ତି । ଆଗ୍ରାର ମୁଖ୍ୟ ଚିକିତ୍ସା ଅଧିକାରୀ ଆଇନ ଅନୁଯାୟୀ ବିଚାରାଧୀନ ଥିବା ତଦନ୍ତକୁ ସମ୍ପୂର୍ଣ୍ଣ କରିବେ ବୋଲି ମନ୍ତବ୍ୟ ଦେଇ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟ ଦ୍ୱାରା ଆବେଦନକୁ ପ୍ରାରମ୍ଭିକ ସ୍ତରରେ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ଆଦେଶ ବିରୋଧରେ ବର୍ତ୍ତମାନର ଆବେଦନ ଆଗତ ହୋଇଛି ।

ଯଦିଓ ଆବେଦନରେ, ୟୁ. ପି. ରାଜ୍ୟ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ, ୟୁ. ପି., ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା, ଅତିରିକ୍ତ ନିର୍ଦ୍ଦେଶକ, ଏବଂ ଆଗ୍ରାର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ, ଉତ୍ତରଦାତା ଭାବରେ ଅନ୍ତର୍ଭୁକ୍ତ କରାଯାଇଛି, ଆଗ୍ରାର ଉପ-ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ସମସ୍ତ ଉତ୍ତରଦାତାଙ୍କ ତରଫରୁ କେବଳ ଗୋଟିଏ ସତ୍ୟପାଠ ଦାଖଲ କରାଯାଇଛି । ପାଲଟା ସତ୍ୟପାଠରେ ଏପରି ଅଯୋଗ୍ୟ ବ୍ୟକ୍ତିମାନେ ଚିକିତ୍ସା ବୃତ୍ତି ଚଲାଉଥିବାର ଅଭିଯୋଗକୁ, ଅସ୍ୱୀକାର କରାଯାଇ ନାହିଁ । ତେବେ, *ଅନ୍ୟାନ୍ୟ ବିଷୟ ମଧ୍ୟରେ* ଏହା ମଧ୍ୟ କୁହାଯାଇଛି ଯେ ଏପରି କେତେକ ଅଯୋଗ୍ୟ ଡାକ୍ତରୀ ଚିକିତ୍ସକଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ଜିଲ୍ଲାପାଳଙ୍କୁ ବିବରଣୀ ପଠାଯାଇଥିଲା । ସତ୍ୟପାଠକାରୀଙ୍କ କହିବା ଅନୁଯାୟୀ, ଏଭଳି ଅଯୋଗ୍ୟ ବ୍ୟକ୍ତିମାନେ ଆଗ୍ରା ଜିଲ୍ଲାରେ ଡାକ୍ତରୀ ଅଭ୍ୟାସ ବନ୍ଦ କରି ନିକଟବର୍ତ୍ତୀ ଜିଲ୍ଲାକୁ ସ୍ଥାନାନ୍ତରିତ ହୋଇଯାଇଛନ୍ତି । ଆମେ ଏହା ଅନୁଭବ କରିବାକୁ ବାଧ୍ୟ ହେଉଛୁ ଯେ ପାଲଟା ସତ୍ୟପାଠ ପ୍ରଶାସନର ଏକ ଦୁଃଖଦାୟକ ସ୍ଥିତିକୁ ଦର୍ଶାଉଛି । ଆଇନ ଅନୁଯାୟୀ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଏହି ଅଯୋଗ୍ୟ ଚିକିତ୍ସକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ, କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପରବର୍ତ୍ତୀ ପଦକ୍ଷେପ ନିଆନଯାଇ ସେମାନଙ୍କ ନାମ କେବଳ ଜିଲ୍ଲାପାଳଙ୍କ ପାଖକୁ ପଠାଇ ଦିଆଯାଇଥିଲା ।

ନଥିରେ ଥିବା ଭାରତୀୟ ଆୟୁର୍ବିଜ୍ଞାନ ପରିଷଦର 3.5.91 ତାରିଖର ଚିଠିରୁ ଆମେ ଜାଣିବାକୁ ପାଇଲୁ ଯେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ରାଜ୍ୟରେ ଏହି ସମସ୍ୟା ବିଷୟରେ ଆୟୁର୍ବିଜ୍ଞାନ ପରିଷଦ ଦ୍ୱାରା ଅବଗତ କରାଯାଇଥିଲା ଏବଂ ଉକ୍ତ ଚିଠିରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ଏହି ବ୍ୟକ୍ତିମାନେ ଖୋଲାଖୋଲି ଭାବେ

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି । ସଚିବଙ୍କୁ ଅନୁରୋଧ କରାଯାଇଥିଲା ଯେ "ଭାରତୀୟ ଚିକିତ୍ସା ପ୍ରଣାଳୀରେ ବେଆଇନ ଡିଗ୍ରୀ ପ୍ରଦାନ କରୁଥିବା ଅଯୋଗ୍ୟ/ଅଣ-ପଞ୍ଜୀକୃତ ଚିକିତ୍ସକ ଏବଂ ଅନୁଷ୍ଠାନମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦ୍ୱାରା  ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିପାରିବ ।"ରାଜ୍ୟ ସରକାର ମଧ୍ୟ ଏହି ସମସ୍ୟାକୁ ନେଇ ଚିନ୍ତିତ ଥିଲେ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଡିସେମ୍ବର 2,1995ରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଚିଠି ଲେଖି ଏପରି ଅଯୋଗ୍ୟ/ଅଣ-ପଞ୍ଜୀକୃତ ଡାକ୍ତରୀ ଚିକିତ୍ସକଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନଗତ ବ୍ୟବସ୍ଥା ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଏହି ଚିଠିରେ ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ ଅଧିନିୟମ, 1956 ର ଧାରା 15, ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ ଅଧିନିୟମ, 1970 ର ଧାରା 17 ଏବଂ ସଂଯୁକ୍ତ ପ୍ରଦେଶ ଆୟୁର୍ବିଜ୍ଞାନ ଅଧିନିୟମ, 1917 ର ଧାରା 30 ପ୍ରତି ଧ୍ୟାନ ଆକର୍ଷଣ କରାଯାଇଥିଲା । ଜିଲ୍ଲାପାଳମାନଙ୍କୁ ଏବଂ ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା ଯେ ଏହି ଅନଧିକୃତ ଚିକିତ୍ସକମାନଙ୍କ ବିରୋଧରେ କିପରି ଅପରାଧିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ।

ଏହା ଅତ୍ୟନ୍ତ ଚିନ୍ତାଜନକ ଯେ ରାଜ୍ୟ ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ସତ୍ତ୍ୱେ, ଜିଲ୍ଲାପାଳମାନେ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀମାନେ ମାନବ ଜୀବନ ପାଇଁ ବିପଜ୍ଜନକ ଥିବା ଏହି ସମସ୍ୟାକୁ ରୋକିବା ପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଇନାହାଁନ୍ତି । ଉପରେ ଦର୍ଶାଯାଇଥିବା ପରି, ମୁଖ୍ୟ ଚିକିତ୍ସା ଅଧିକାରୀମାନେ କେବଳ ଏହିପରି ଅନଧିକୃତ ଡାକ୍ତରୀ ଚିକିତ୍ସକଙ୍କ ନାମ ଜିଲ୍ଲାପାଳମାନଙ୍କୁ ପଠାଇଥିଲେ ଏବଂ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ବର୍ତ୍ତମାନର ଆବେଦନରେ କେବଳ ଆଗ୍ରା ଜିଲ୍ଲା ପାଇଁ ନିର୍ଦ୍ଦେଶ ପ୍ରାର୍ଥନା କରାଯାଇଛି । ପାଲଟା ସତ୍ୟପାଠରେ କୁହାଯାଇଛି ଯେ ଏଭଳି ଅଯୋଗ୍ୟ/ଅଣ-ପଞ୍ଜୀକୃତ ଡାକ୍ତରମାନଙ୍କୁ ଚେତାବନୀ ଦିଆଯିବା ପରେ ସେମାନେ ଅନ୍ୟ ପଡ଼ୋଶୀ ଜିଲ୍ଲାକୁ ସ୍ଥାନାନ୍ତରିତ ହୋଇଯାଇଛନ୍ତି । ତେଣୁ ଆମର ମତ ହେଉଛି ଯେ ସମଗ୍ର ଉତ୍ତର ପ୍ରଦେଶ ରାଜ୍ୟରେ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଆମେ ଆକ୍ଷେପିତ ରାୟକୁ ଅଗ୍ରାହ୍ୟ କରୁଛୁ ଏବଂ ନିମ୍ନମତେ ନିର୍ଦ୍ଦେଶ ଦେଉଛୁ:

ଉତ୍ତର ପ୍ରଦେଶ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ, ଅଯୋଗ୍ୟ/ଅଣ-ପଞ୍ଜୀକୃତ ବ୍ୟକ୍ତିଙ୍କ ଦ୍ୱାରା ଉତ୍ତର ପ୍ରଦେଶ ରାଜ୍ୟରେ ଡାକ୍ତରୀ ବୃତ୍ତି ଚଳାଇବା ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ ଏହା ବ୍ୟତୀତ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ:

(i) ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ, ସଚିବଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଅଯୋଗ୍ୟ/ଅଣ-ପଞ୍ଜୀକୃତ ଡାକ୍ତରୀ ଚିକିତ୍ସକଙ୍କୁ ଚିହ୍ନଟ କରିବାକୁ ଏବଂ ଏହି ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯିବ;

(ii) ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏପରି ବ୍ୟକ୍ତିଙ୍କ ବିରୋଧରେ ଆରମ୍ଭ ହୋଇଥିବା ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଉ;

(iii) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ ଏପରି ଅଯୋଗ୍ୟ/ଅଣ-ପଞ୍ଜୀକୃତ ଡାକ୍ତରୀ ଚିକିତ୍ସକଙ୍କ ନାମର ଉପଯୁକ୍ତ ପ୍ରଚାର କରିବେ ଯାହା ଦ୍ୱାରା ଲୋକମାନେ ଚିକିତ୍ସା ପାଇଁ ଏହିପରି ବ୍ୟକ୍ତିଙ୍କ ନିକଟକୁ ଯିବେ ନାହିଁ ।

(iv) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ସମସ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟର ତଦାରଖ କରିବେ ଏବଂ ସମୟ ସମୟରେ ଏହି ଅଧିକାରୀମାନଙ୍କୁ ଆବଶ୍ୟକ

ନିର୍ଦ୍ଦେଶ ଜାରି କରିବେ ଯାହା ଦ୍ୱାରା ଏହିପରି ଅନଧିକୃତ ବ୍ୟକ୍ତିମାନେ ରାଜ୍ୟରେ ସେମାନଙ୍କର ଡାକ୍ତରୀ ବୃତ୍ତି ଚଳାଇ ପାରିବେ ନାହିଁ ।

ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଏ. କ୍ୟୁ. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।